# ମଧ୍ୟପ୍ରଦେଶ ରାଜ୍ୟ

## ବନାମ

## ହୀରାଲାଲ୍ ଏବଂ ଅନ୍ୟମାନେ

## ଜାନୁଆରୀ 15, 1996

## [କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*କ୍ଷତିପୂରଣ - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଦାବିଦାରମାନେ 1984 ର ଅଧିନିୟମ 68 ଦ୍ୱାରା ସଂଶୋଧିତ ଅଧିନିୟମର ବ୍ୟବସ୍ଥାଗୁଡ଼ିକର ସୁବିଧା ପାଇବାକୁ ହକଦାର ନୁହଁନ୍ତି - ଏହା ପରିବର୍ତ୍ତେ ସେମାନେ 15 ପ୍ରତିଶତ ସାନ୍ତ୍ୱନାମୂଳକ ରାଶି ପାଇବାକୁ ଏବଂ ଦଖଲ ନେବା ତାରିଖ ଠାରୁ ଜମା ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କ୍ଷତିପୂରଣ ଉପରେ 6 ପ୍ରତିଶତ ସୁଧ ପାଇବାକୁ ହକଦାର ଅଟନ୍ତି ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2414/1996 ।

ଦେୱାନୀ ବିବିଧ ସଂଖ୍ୟା 45/1974 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 13.11.87 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ସାକେଶ କୁମାର ଏବଂ ଏସ୍.କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

କାର୍ଯ୍ୟାଳୟ ମନ୍ତବ୍ୟକୁ ଦୃଷ୍ଟିରେ ରଖି, ଏହା ସ୍ପଷ୍ଟ ହେବ ଯେ ଉତ୍ତରଦାତାମାନେ ଯଥାକ୍ରମେ "ଘରେ ଉପଲବ୍ଧ ନାହିଁ", "ଘର ତାଲା ପଡ଼ିଛି" ଏବଂ "ଦୋକାନ ବନ୍ଦ ଅଛି" ଡାକ ମନ୍ତବ୍ୟ ସହିତ ସ୍ପଷ୍ଟ ଭାବରେ ନୋଟିସ ଫେରସ୍ତ କରିବାରେ ସଫଳ ହୋଇଥିଲେ । ସେହି ଦୃଷ୍ଟିକୋଣରୁ, ଏହା ବିବେଚନା କରାଯିବା ଉଚିତ ଯେ ଉତ୍ତରଦାତାମାନଙ୍କୁ ନୋଟିସ ଜାରି କରାଯାଇଛି ।

ମଞ୍ଜୁରୀ ପ୍ରଦାନ କରାଗଲା ।

ଏହି ମାମଲାରେ ଉଠାଯାଇଥିବା ବିବାଦଟି, ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 9048/1988 ରୁ ଉତ୍ପନ୍ନ ଦେୱାନୀ ଅପିଲରେ ଏହି ନ୍ୟାୟାଳୟଙ୍କ ଅଗଷ୍ଟ 2, 1995 ର

ଏକ ଆଦେଶ ଦ୍ୱାରା ଅନ୍ତର୍ଭୁକ୍ତ । ଅପିଲକାରୀଙ୍କ ତରଫରୁ ଅଧିବକ୍ତାଙ୍କୁ ଆମ୍ଭେ ଶୁଣିଛୁ ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଉକ୍ତ ରାୟକୁ ଅନୁସରଣ କରି ଆମ୍ଭେ ନିର୍ଣ୍ଣୟ ନେଇଛୁ ଯେ, 1984 ର ଅଧିନିୟମ 68 ଦ୍ୱାରା ସଂଶୋଧିତ ଜମି ଅଧିଗ୍ରହଣ ଅଧିନିୟମର ବ୍ୟବସ୍ଥାଗୁଡ଼ିକର ସୁବିଧା ପାଇବାକୁ ଉତ୍ତରଦାତାମାନେ ହକଦାର ନୁହଁନ୍ତି । ଏହା ପରିବର୍ତ୍ତେ ସେମାନେ 15 ପ୍ରତିଶତ ସାନ୍ତ୍ୱନାମୂଳକ ରାଶି ପାଇବାକୁ ଏବଂ ଦଖଲ ନେବା ତାରିଖ ଠାରୁ ଜମା ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କ୍ଷତିପୂରଣ ଉପରେ 6 ପ୍ରତିଶତ ସୁଧ ପାଇବାକୁ ହକଦାର ଅଟନ୍ତି ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଇଛି କିନ୍ତୁ, ମାମଲାଟିର ଏହି ପରିସ୍ଥିତିରେ କୌଣସି ଖର୍ଚ୍ଚ ରହିବ ନାହିଁ ।

ଜି. ଏନ୍. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**